## ସୋରରେ କେନ୍ଦ୍ରମନ୍ତ୍ରୀଙ୍କ ନିର୍ବାଚନୀ ପ୍ରଚାର

**ସୋର, (ଡି.ଏନ୍.ଏ.):** ପୌର ନିର୍ବାଚନ ପରିପ୍ରେକ୍ଷୀରେ ଗୁରୁବାର ସୋର ଭାଜପା ପକ୍ଷରୁ କେନ୍ଦ୍ର ରାଷ୍ଟ୍ରମନ୍ତ୍ରୀ ବିଶେଶ୍ୱର ଟୁଡୁଙ୍କ ପକ୍ଷରୁ ଏକ ମାରାଥନ ପ୍ରଚାର କରାଯାଇଥିଲା। ଅନୁଷ୍ଠିତ ପଥପ୍ରାନ୍ତ ପ୍ରଚାର ସଭାରେ ଟୁଡୁ ଯୋଗଦେଇ ବିଜେଡି ବିରୋଧରେ ବିଷୋଦ୍‌ଗାର କରିବା ସହିତ ଭାଜପାର ସମସ୍ତ ପ୍ରାର୍ଥୀଙ୍କୁ ବିଜୟୀ କରିବାକୁ ନିବେଦନ କରିଥିଲେ। ସଭାରେ ଦଳୀୟ ଅଧ୍ୟକ୍ଷ ପ୍ରାର୍ଥୀ ମାଧବ ଧଡ଼ା, କାଉନସିଲର ପ୍ରାର୍ଥୀ ସସ୍ମିତା ଦାସ, ଉର୍ମିଳା ରାଉତ, ରୀନାରାଣୀ ସେଠୀ, ପବିତ୍ର ସେଠୀ ପ୍ରମୁଖ ଉପସ୍ଥିତ ରହି ନିଜ ସପକ୍ଷରେ ଭୋଟ ଭିକ୍ଷା କରିଥିଲେ।

# ଧାନ-ପାନ-ମୀନ ପ୍ରକଳ୍ପର ରୂପାୟନରେ ହେବ ସହାୟକ

## ଏଫ୍‌ଏମ୍‌ୟୁ ଓ ଆଇସିଏଆର୍-ସିଆଇଏଫ୍‌ଏ ବୁଝାମଣାପତ୍ର ସ୍ୱାକ୍ଷରିତ

**ବାଲେଶ୍ୱର ଅଫିସ,୧୭।୩**

ବାଲେଶ୍ୱର ଫକୀରମୋହନ ବିଶ୍ୱବିଦ୍ୟାଳୟ (ଏଫ୍‌ଏମ୍‌ୟୁ) ଓ ଇଣ୍ଡିଆନ୍‌କାଉନ୍‌ସିଲ୍‌ଅଫ୍‌ଏଗ୍ରିକଲଚର ରିସର୍ଚ୍ଚ (ଆଇସିଏଆର୍) ଓ ସେଣ୍ଟ୍ରାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଫ୍ରେସ୍‌ୱାଟର ଆକ୍ୱାକଲଚର (ସିଆଇଏଫ୍‌ଏ) ଭୁବନେଶ୍ୱର ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଯାଇଛି। ଶିକ୍ଷାଦାନ ଓ ଗବେଷଣା କ୍ଷେତ୍ରରେ ସହଯୋଗ ଓ ସମ୍ପ୍ରସାରଣକୁ ଦୃଷ୍ଟିରେ ରଖି ଗୁରୁବାର ଫକୀରମୋହନ ବିଶ୍ୱବିଦ୍ୟାଳୟରେ ଅନୁଷ୍ଠିତ ସଭାରେ ଏହି ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ସିଆଇଏଫ୍‌ଏର ନିର୍ଦ୍ଦେଶକ ଡ. ସରୋଜ କୁମାର ସ୍ୱାଇଁ ଏହି ବୁଝାମଣାପତ୍ର ଉଭୟ ଅନୁଷ୍ଠାନ ପାଇଁ ନିଶ୍ଚିତ ରୂପେ ଲାଭଦାୟକ ହେବ ବୋଲି ଆଶା ପ୍ରକାଶ କରିଛନ୍ତି। ଏଫ୍‌ଏମ୍‌ୟୁର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ଖୁସି ବ୍ୟକ୍ତ କରି ଏହି ବୁଝାମଣା ଯୋଗୁ ବିଶ୍ୱବିଦ୍ୟାଳୟ ତରଫରୁ ହାତକୁ ନିଆଯାଇଥିବା ଧାନ-ପାନ-ମୀନ ପ୍ରକଳ୍ପର ସମ୍ପୂର୍ଣ୍ଣ ରୂପାୟନରେ ସହାୟକ ହେବ ବୋଲି ପ୍ରକାଶ କରିଥିଲେ।

ବିଶ୍ୱବିଦ୍ୟାଳୟ ବିଏସ୍‌ସିଟି ବିଭାଗର ମୁଖ୍ୟ ଡ. ଭାସ୍କର ବେହେରା ଉପସ୍ଥିତ ଥିବା ସମସ୍ତଙ୍କୁ ସ୍ୱାଗତ ଜଣାଇବା ସହ ଏହି ବୁଝାମଣାପତ୍ର ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ ପ୍ରଫେସର ମୁନେଶ ଚନ୍ଦ୍ର ଅଧିକାରୀ ଏହାକୁ ଏକ ଐତିହାସିକ ଘଟଣା ବୋଲି ମତପ୍ରକାଶ କରି ଏହା ଛାତ୍ରୀଛାତ୍ରମାନଙ୍କ ଶୈକ୍ଷିକ ବିକାଶ ପାଇଁ ବିଶେଷ ଭାବେ ଲାଭଦାୟକ ହେବ ବୋଲି କହିଥିଲେ। କୁଳସଚିବ କୁକୁମିନା ଦାସ ଏହାକୁ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ ବୋଲି କହିବା ସହ ଏହା ଏକ ଉନ୍ନତ ଶିକ୍ଷା ଓ ଗବେଷଣା ଭିତ୍ତିଭୂମି ପ୍ରତିଷ୍ଠା କରିବାରେ ସହାୟକ ହେବ ବୋଲି ମତ ପ୍ରକାଶ କରିଥିଲେ। ଶେଷରେ ଡ. ଭାରତ ଭୂଷଣ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।



ବୁଝାମଣାପତ୍ର ସ୍ୱାକ୍ଷର କରାଯାଉଛି।

## ସୋର କୋର୍ଟରେ ନୂତନ ବିଚାରପତି

**ସୋର, ୧୭।୩(ଡି.ଏନ.ଏ.):** ସୋର କୋର୍ଟର କାର୍ଯ୍ୟରତ ଜେଏମ୍‌ଏଫ୍‌ସି ପ୍ରଜ୍ଞା ପାରମିତା ପଡ଼ିଆରୀଙ୍କ ଅନ୍ୟତ୍ର ବଦଳି ପରେ ନୂତନ ଭାବେ ସ୍ମୃତି ପଟ୍ଟନାୟକ ଏହି ପଦବୀରେ ଯୋଗ ଦେଇଛନ୍ତି। ଗତ ୩ ବର୍ଷ ଧରି ବିଚାରପତି ପଡ଼ିଆରୀ ଏହି କୋର୍ଟରେ କାର୍ଯ୍ୟ କରିବା ପରେ ଛତ୍ରପୁର କୋର୍ଟକୁ ବଦଳି ହୋଇଥିଲେ। ସୋନପୁରରୁ ଆସିଥିବା ସ୍ମୃତି ପଟ୍ଟନାୟକ ସିନିଅର ଡିଭିଜନ୍ ଜଜ୍ ସଙ୍ଗୀତା ମିଶ୍ରଙ୍କ ଉପସ୍ଥିତିରେ କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ସୋର ବାର ଆଇନ୍‌ଜୀବୀଙ୍କ ସହ କର୍ମଚାରୀ ବିଚାରପତି ପଟ୍ଟନାୟକଙ୍କୁ ପୁଷ୍ପଗୁଚ୍ଛ ଦେଇ ବାର୍ ଓ ବେଞ୍ଚ ମଧ୍ୟରେ ଉତ୍ତମ ସମନ୍ୱୟରେ ଲୋକଙ୍କୁ ଉଚିତ୍ ନ୍ୟାୟ ପ୍ରଦାନରେ ସହଯୋଗ କରିବେ ବୋଲି କହିଥିଲେ।

# ୩ ସନ୍ତାନ ମାମଲା, କୋର୍ଟ କଲେ ନୋଟିସ

**କେନ୍ଦୁଝର, ୧୭।୩ (ସ୍ୱ.ପ୍ର.)**

କେନ୍ଦୁଝର ଜିଲା ପାଟଣା ବ୍ଲକ କଣ୍ଟିଆପଡା ପଞ୍ଚାୟତ ଦୁଇ ନମ୍ବର ଓାର୍ଡ ମେମ୍ବର ଭାବେ ଚମ୍ପାବତୀ ମହାନ୍ତ ନିର୍ବାଚିତ ହୋଇଛନ୍ତି । ତେବେ ତାଙ୍କର ତିନି ସନ୍ତାନ ଥିବା ନେଇ ପ୍ରତିପକ୍ଷ ପ୍ରାର୍ଥୀ ସୁଶୀଳା ବାଘୁଆ ପ୍ରାର୍ଥିପତ୍ର ଯାଞ୍ଚ ବେଳେ ବିଡିଓଙ୍କୁ ଅଭିଯୋଗ କରିଥିଲେ ହେଁ ତାଙ୍କ ପ୍ରାର୍ଥିପତ୍ରକୁ ନାକଚ ନ କରି ନିର୍ବାଚନରେ ଲଢ଼ିବାକୁ ସୁଯୋଗ ଦେଲେ। ଏଣୁ ଏହାକୁ ଚ୍ୟାଲେଞ୍ଜ କରି ସୁଶୀଳା ସିଭିଲ ଜଜ୍ (ଜୁନିୟର ଡିଭିଜନ) କୋର୍ଟରେ ଅଭିଯୋଗ କରିଥିଲେ। ପରେ କୋର୍ଟ ପକ୍ଷରୁ ଏହାକୁ ମଙ୍ଗଳବାର ବିଚାର ପାଇଁ ଗ୍ରହଣ କରି (ନିର୍ବାଚନ କେସ ନଂ. ୨/୨୨) ଅପରପକ୍ଷ ତଥା ନିର୍ବାଚିତ ପ୍ରାର୍ଥୀନୀ ଚମ୍ପାବତୀ ମହାନ୍ତ ଏବଂ ବିଡିଓ ଈଶ୍ୱର ଚନ୍ଦ୍ର ନାୟକଙ୍କୁ ନୋଟିସ କରାଯାଇଥିବା ସୁଶୀଳାଙ୍କ ଓକିଲ ସୁରଜ ମହାପାତ୍ର ସୂଚନା ଦେଇଛନ୍ତି।

ମିଳିଥିବା ସୂଚନା ଅନୁସାରେ ଅଙ୍ଗନୱାଡି ରେଜିଷ୍ଟ୍ରାରରେ ତାଙ୍କର ତିନି ସନ୍ତାନ ଅଛନ୍ତି। ପଞ୍ଚାୟତ ଆଇନ ୧୯୬୫ ଅନୁଯାୟୀ (୧୯୯୩ ରେ ସଂଶୋଧନ) ଜଣେ ପ୍ରାର୍ଥୀଙ୍କ ତିନି ସନ୍ତାନ ଥିଲେ ସେ ପ୍ରାର୍ଥୀ ହୋଇ ପାରିବେ ନାହିଁ ବୋଲି ଉଲ୍ଲେଖ ଅଛି। ଏହା ସତ୍ତ୍ୱେ ଅଭିଯୋଗ ପରେ ଚମ୍ପାବତୀଙ୍କ ପ୍ରାର୍ଥିପତ୍ରକୁ ନାକଚ ନ କରି ଗ୍ରହଣ କରାଯାଇଥିବାରୁ ମାମଲା ରୁଜୁ କରାଯାଇଥିବା ମହାପାତ୍ର କହିଛନ୍ତି ।

## ଦୋକାନ ଭିତରକୁ ମାଡ଼ିଗଲା ପିକ୍‌ଅପ୍

**ଉଦଳା,୧୭।୩(ଡି.ଏନ.ଏ.):** ମୟୂରଭଞ୍ଜ ଜିଲା ଉଦଳା-ପୋଡ଼ାଡ଼ିହା ମୁଖ୍ୟ ରାସ୍ତାର ନାବରା ଛକରେ ରାସ୍ତା ପାର୍ଶ୍ୱରେ ଥିବା ଏକ ଦୋକାନ ଘର ଭିତରକୁ ଗୁରୁବାର ସକାଳେ ଏକ ପିକ୍‌ଅପ୍ ଭ୍ୟାନ୍ ଭାରଶ୍ୟାମ ହରାଇ ମାଡ଼ି ଯାଇଛି। ଏହି ଦୁର୍ଘଟଣାରୁ ଦୋକାନ ମାଲିକ ନିରଞ୍ଜନ ଦଳେଇ ଅଳ୍ପକେ ବର୍ତ୍ତିଯାଇଛନ୍ତି। ଗାଡ଼ି ଚାଳକ ତାଙ୍କର ଜଣେ ସହଯୋଗୀଙ୍କୁ ଡ୍ରାଇଭିଂ ଶିଖାଉଥିବାବେଳେ ଏଭଳି ଦୁର୍ଘଟଣା ଘଟିଥିବା ପ୍ରତ୍ୟେକ୍ଷଦର୍ଶୀମାନେ କହିଛନ୍ତି। ଦୁର୍ଘଟଣାରେ ଗାଡ଼ିର ସମ୍ମୁଖ କାଚ ଏବଂ ଦୋକାନର କିଛି ଅଂଶ ଭାଙ୍ଗି ନଷ୍ଟ ହୋଇଯାଇଥିବା ଜଣାପଡ଼ିଛି।

## ଧର୍ମପରାୟଣା ମହିଳାଙ୍କ ପରଲୋକ

**ବାଲେଶ୍ୱର ଅଫିସ, ୧୭।୩:** ବାଲେଶ୍ୱର ସହର ଜେଲ୍ ରୋଡ୍‌ସ୍ଥିତ ଧର୍ମପରାୟଣା ମହିଳା ମନୋରମା ଅଗସ୍ତିଙ୍କ ଗୁରୁବାର ମଧ୍ୟାହ୍ନରେ ପରଲୋକ ହୋଇଛି। ସେ ହେଉଛନ୍ତି ବରିଷ୍ଠ ଯୁବନେତା ସନ୍ତୋଷ ଅଗସ୍ତିଙ୍କ ମା'। ଦୀର୍ଘଦିନ ଧରି ତାଙ୍କର ଶାରୀରିକ ଅବସ୍ଥା ଭଲ ନ ଥିବା ବେଳେ ସେ ଶଯ୍ୟାଶାୟୀ ଥିଲେ। ଶେଷ ସମୟରେ ବଡ଼ପୁଅ ଇଂ. ଅଶେଷ ଅଗସ୍ତି, ମଝିଆ ପୁଅ ପ୍ରଦୋଷ ଅଗସ୍ତି ଓ ଝିଅ, ନାତୁଣୀନାତି ଓ ପରିବାରବର୍ଗ ଉପସ୍ଥିତ ଥିଲେ। ବହୁ ବୁଦ୍ଧିଜୀବୀ, ରାଜନୈତିକ ବ୍ୟକ୍ତିବିଶେଷ, ସ୍ଥାନୀୟ ଲୋକ ପହଞ୍ଚି ଶେଷଦର୍ଶନ କରି ତାଙ୍କର ଅମର ଆତ୍ମାର ସଦ୍‌ଗତି କାମନା କରିଥିଲେ ଏବଂ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସାନ୍ତ୍ୱନା ଦେଇଥିଲେ।


ମନୋରମା ଅଗସ୍ତି

## ଗଛରୁ ପଡ଼ି ଜୀବନ ଗଲା

**ସିମୁଳିଆ, ୧୭।୩(ଡି.ଏନ.ଏ.):** ମଲା ତାଳ ଗଛରୁ ଶୁଆ ଧରିବା କାଳ ହୋଇଛି। ଗଛ ଚଢ଼ି ଶୁଆ ଧରୁଥିବା ବେଳେ ଗଳି ପଡିବା ଯୋଗୁ ଅଡ଼ା ଅଞ୍ଚଳର ଦାମୋଦର ଶିଅଳ(୫୫) ନାମକ ଜଣେ ବ୍ୟକ୍ତିଙ୍କ ଗୁରୁବାର ମଧ୍ୟାହ୍ନରେ ମୃତ୍ୟୁ ଘଟିଛି। ପୂର୍ବରୁ ବଜ୍ରପାତ ହୋଇ ତାଳଗଛଟି ମରିଯାଇଥିଲା। ଏହାର କୋରଡରେ ଶୁଆ ଛୁଆ ଦେଇଥିଲା। ଏହି ଗଛକୁ ଦାମୋଦର ଚଢ଼ିଥିବା ବେଳେ ଗଛଟି ଭାଙ୍ଗି ପଡ଼ିଥିଲା।

## ଖଣ୍ଡଘର ମଠରେ ଅବଧୂତ ମେଳା

**ଢେଙ୍କିକୋଟ,୧୭।୩(ଡି.ଏନ.ଏ):** କେନ୍ଦୁଝର ଜିଲା ଢେଙ୍କିକୋଟ ବିଟ୍‌ହାଉସ ଅଧୀନ ଖଣ୍ଡଘର ଅବଧୂତ ମଠରେ ବାର୍ଷିକ ମେଳା ଅନୁଷ୍ଠିତ ହୋଇଛି। ଅପରାହ୍ନରେ ୧୦୮ କଳସ ଅଣାଯାଇ ସ୍ଥାପନ କରାଯାଇଥିଲା। ପ୍ରତିବର୍ଷ ଏହି ତିଥିରେ ମେଳା ଉତ୍ସବ ପାଳନ ଜାକଜମକରେ କରାଯାଇଥାଏ। ଲଙ୍ଗଳକଣ୍ଟି ଗ୍ରାମର ସମାଜସେବୀ ବାବା ଶରତ ଚନ୍ଦ୍ର ନାୟକ, ପ୍ରଫୁଲ୍ଲ କୁମାର ସିଂହ, ଫକିର ଚରଣ ନାୟକ, ଗୋପୀନାଥ ନାୟକ, ବେଣୁଧର ନାୟକ ପ୍ରମୁଖ ଉକ୍ତ ମଠର ଅବଧୂତ ବାବା ନୀଳମଣି ଦାସଙ୍କୁ ମେଳା ପରିଚାଳନା କ୍ଷେତ୍ରରେ ସହଯୋଗ କରିଥିଲେ। ମଠଟି ସୁଉଚ୍ଚ ପାହାଡ଼ ଉପରେ ହୋଇଥିବା ବେଳେ ଆଖପାଖ ୧୫ରୁ ଊର୍ଦ୍ଧ୍ୱ ପଞ୍ଚାୟତର ମହିମା ଧର୍ମ ଭକ୍ତଙ୍କ ସମାଗମ ହୋଇଥିଲା। ସ୍ଥାନୀୟ ଗ୍ରାମବାସୀ ଓ ଯୁବକ ସଂଘ କର୍ମକର୍ତ୍ତା ମେଳା ପରିଚାଳନାରେ ସହଯୋଗ କରିଥିଲେ।












